## ସଂକ୍ଷେପରେ

### 'ବସନ୍ତ କାକଳି' ଉନ୍ମୋଚିତ

ଧାମନଗର,୨୫।୪ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ନିକଟ ଗୌଡ଼ବିଶି ନୂଆପଡ଼ାଠାରେ ସ୍ୱର୍ଗତ ବସନ୍ତ ବେହେରାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ବ୍ଲକ ଯାଦବ ସଭାପତି ସୁବାସ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ହରେକୃଷ୍ଣ ପାଢ଼ୀ, ଜଗବନ୍ଧୁ ପ୍ରଧାନ, ଜିଲା ଯାଦବ ସଂଘ ସଭାପତି ସୁଧାଂଶୁ ନାୟକ, ରବୀନ୍ଦ୍ର ଖିଲାର, ସଚିକାନ୍ତ ପଣ୍ଡା, ପ୍ରତାପ ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସନ୍ତ ବେହେରା ଓ ପଦ୍ମଲୋଚନ ବେହେରାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଏହି ଅବସରରେ ବସନ୍ତଙ୍କ ସ୍ମୃତିରେ 'ବସନ୍ତ କାକଳି' ପୁସ୍ତକ ଉନ୍ମୋଚନ କରାଯାଇଥିଲା। କୁଳମଣି ବେହେରା ସଭା ସଞ୍ଚାଳନ କରିଥିଲେ। ନଗର ସଭାପତି ସୁଶାନ୍ତ ରାଉତ, ଅନିଲ ବାରିକ, ପ୍ରତାପ ସାମଲ, ରାଜୀବ ଦାସ, କ୍ଷେତ୍ରବାସୀ ବାରିକ, ରବୀନ୍ଦ୍ର ଦାସ, ମାଧବ ଖଟୁଆ, ଲକ୍ଷ୍ମୀଧର ପଲେଇ, ରାଜେନ୍ଦ୍ର ବେହେରା, ଅଭିମନ୍ୟୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବସନ୍ତ ବେହେରା ସ୍ମୃତି କମିଟି ପକ୍ଷରୁ ଏମ୍‌ପି ମଣ୍ଡଳଙ୍କୁ ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ତପନ ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ।

### କୁକୁଡ଼ା ଚାଷୀଙ୍କୁ ତାଲିମ

ସିମୁଲିଆ,୨୫।୪(ଡି.ଏନ୍.ଏ.): କୁକୁଡ଼ା ଚାଷୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ରବିବାର ସିମୁଲିଆ କଲେଜ ନିକଟସ୍ଥ ମଣ୍ଡପରେ କୁକୁଡ଼ା ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଷୀମାନଙ୍କୁ କୁକୁଡ଼ା ଚାଷ ପାଇଁ ଗୃହ ନିର୍ମାଣ, ଲାଳନପାଳନ, ଜଳ, ଖାଦ୍ୟ ଓ ଔଷଧର ସୁପରିଚାଳନା, ବାୟୁ ଚଳାଚଳ, କୁକୁଡ଼ାର ସ୍ୱାସ୍ଥ୍ୟ, କୁକୁଡ଼ାମାନଙ୍କ ଗତିବିଧି ଅନୁଧ୍ୟାନ କରି ସେମାନଙ୍କ ସମସ୍ୟା ବା ସୁସ୍ଥତା ସମ୍ପର୍କରେ ଜାଣିବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ଡାକ୍ତର ହ୍ରିଦେଶ ସିଂ ରାଜପୁତ ଏ ସମ୍ପର୍କରେ ତାଲିମ ଦେଇଥିଲେ। ମାର୍କୋଣାର ସତ୍ୟମ ପଲଟିକେୟାର ପରିଚାଳକ ଦେବବ୍ରତ ସାମଲଙ୍କ ତତ୍ତ୍ୱାବଧାନରେ ୫୦ଜଣ ଚାଷୀ ଯୋଗ ଦେଇଥିଲେ। ବୀରକିଶୋର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁକୁଡ଼ା ପାଳନ ବିଶେଷଜ୍ଞ ରାସବିହାରୀ ମହାନ୍ତ, ରାଜେଶ ନିୟୋଗି ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଚାଷୀ ଓ ବିଶେଷଜ୍ଞମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାଷୀମାନେ ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ।

### ବୁଢ଼ୀ ଜାଗୁଲାଇ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ପଦ୍ମପୁର, ୨୫।୪ (ଡି.ଏନ.ଏ.): ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଗୋରାମାଟି ପଞ୍ଚାୟତ ନୂଆସାହିଠାରେ ମା' ବୁଢ଼ୀ ଜାଗୁଲାଇ ମନ୍ଦିରରେ ୨୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ୧୦୮ କଳସ ଶୋଭାଯାତ୍ରା, ମନ୍ଦିର ପୂଜନ, ସଂକୀର୍ତ୍ତନ ହୋଇଥିଲା। ସୋମବାର ସନ୍ଧ୍ୟାରେ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ପ୍ରବଚନ ଦେଇଥିଲେ। ମଙ୍ଗଳବାର ଯଜ୍ଞ ପୂର୍ଣ୍ଣାହୁତି ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଦୁଃଶାସନ ସାହୁ, ସମ୍ପାଦକ ଅକ୍ଷୟ କୁମାର ନାୟକ, ସଭ୍ୟ ଲକ୍ଷ୍ମୀଧର ନାୟକ, କ୍ଷୀରୋସିନ୍ଧୁ କୁଅଁର, ନିରଞ୍ଜନ ନାୟକ, ରୂପେନ୍ଦ୍ର ମହଲା, ଚିନ୍ମୟ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଅବହେଳାରୁ ଅଟକିଛି କେନ୍ଦ୍ରୀୟ ବିଦ୍ୟାଳୟ

ଯୋଡ଼ା,୨୫।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାକୁ ନେଇ ସରକାରଙ୍କ ଅବହେଳା ପଦାରେ ପଡ଼ିଛି। ଏନେଇ ଚମ୍ପୁଆରେ ଆନ୍ଦୋଳନ, ବନ୍ଦ ଡାକରା ପ୍ରଭୃତି ଅଞ୍ଚଳବାସୀ କରିଥିଲେ ହେଁ ଏଯାବତ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଅଭାବରୁ ବିଦ୍ୟାଳୟ ପ୍ରତିଷ୍ଠା କାର୍ଯ୍ୟ ଅଟକି ରହିଛି। ପ୍ରାୟ ୫ ବର୍ଷ ପୂର୍ବେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ସ୍ଥିର କରିଥିଲେ। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ସ୍ଥାନୀୟ ନେତୃବୃନ୍ଦ କେନ୍ଦ୍ରୀୟ ବିଦ୍ୟାଳୟକୁ ପାସୋରି ଦେଲେ। ପ୍ରଥମେ ବିଦ୍ୟାଳୟ କାଳିକାପ୍ରସାଦରେ ହେବାର ଥିଲା। ଚମ୍ପୁଆ ସଦର ମହକୁମାଠାରୁ ପ୍ରାୟ ୯ କି.ମି. ଦୂର ହୋଇଥିବାରୁ ପୁନଃ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୨ ଜାନୁୟାରୀ ୩ରେ ଚମ୍ପୁଆ ସଦର ମହକୁମାଠାରେ ହିଁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଚମ୍ପୁଆ ଉପ ଜିଲାପାଳ ନୂତନ ଜାଗା ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏହି ସ୍ଥାନଗୁଡ଼ିକ ମଧ୍ୟରେ ମଙ୍ଗଳପୁର, ଗୋଧୂଳି, ପାଞ୍ଚ ପୋଖରିଆ ରହିଛି। ସ୍ଥାନ ଚିହ୍ନଟ କରି ବୃତ୍ତାନ୍ତ ରିପୋର୍ଟ ଗଣଶିକ୍ଷା ସଚିବଙ୍କୁ ସବିଶେଷ ତଥ୍ୟ ଦିଆଯିବ। ତେଣେ ଅସ୍ଥାୟୀ ଭାବେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏଯାବତ ଏହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଚମ୍ପୁଆ ଉପଖଣ୍ଡର ଛାତ୍ରଛାତ୍ରୀମାନେ ଚଳିତବର୍ଷ ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ନାମଲେଖା ନେଇ ଏପର୍ଯ୍ୟନ୍ତ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଓଡ଼ିଶାରେ ୬୩ଟି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି। ମାତ୍ର ଖଣିଜ ପ୍ରାଚୁର୍ଯ୍ୟରେ ଭରପୁର ଥିବା ଚମ୍ପୁଆ ଉପଖଣ୍ଡରୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରି ଚାଲିଥିବା ବେଳେ ଖଣି ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପହଞ୍ଚାଇବାରେ ବିଫଳ ହୋଇଛନ୍ତି। ଏଥିପାଇଁ ସରକାରୀସ୍ତରରେ ଅବହେଳା କରାଯାଉଥିବାରୁ ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ଦୀର୍ଘ ୫ବର୍ଷ ପରେ ମଧ୍ୟ ଖୋଲାଯାଇ ପାରି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଚମ୍ପୁଆ ଉପ ଜିଲାପାଳ ସୁକାନ୍ତ ମାଝିଙ୍କୁ ପଚାରିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୩/୪ଟି ଅଞ୍ଚଳରେ ଜାଗା ଚିହ୍ନଟ ହୋଇଛି। ବିଦ୍ୟାଳୟ ଖୋଲିବା ପାଇଁ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଅସ୍ଥାୟୀ ଶ୍ରେଣୀ ଗୃହ ପାଇଁ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏ ନେଇ କେନ୍ଦ୍ରୀୟ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି।

# ସରିଲା ଶ୍ରୀରାମପୁର ଘଣ୍ଟବାସୁଳି ଉଡ଼ା ଯାତ୍ରା



ପ୍ରତିଭାଧାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ଖଇରା,୨୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁରସ୍ଥିତ ମା' ଘଣ୍ଟବାସୁଳି ପୀଠରେ ୧୫୪ତମ ଉଡାଯାତ୍ରା ୧୪ରୁ ଆରମ୍ଭ ହୋଇ ୨୦ତାରିଖରେ ଉଦ୍‌ଯାପିତ ହୋଇଛି। ୧୪ତାରିଖରେ ନିଆଁ ପାଟୁଆ ଓ ତା' ପରବର୍ତ୍ତୀ ଦିବସଗୁଡ଼ିକରେ ତାରିଣୀ ଯଜ୍ଞ, ଭଜନ ସନ୍ଧ୍ୟା, କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ଓ ଜୁନିୟର ପ୍ରତିଯୋଗିତାରେ ବିଜୟୀ ପ୍ରଜ୍ଞାସିନୀ ନାୟକ, ପ୍ରିୟଙ୍କା ହାତୀ, ଜ୍ୟୋସ୍ନାରାଣୀ ପରିଡା, ସୁମି ହାତୀ, ଅଞ୍ଜଳି ନାୟକ, ହାଂସିଦା ପାଣିଗ୍ରାହୀ, କୃଷ୍ଣପ୍ରିୟା ସାମଲ ପ୍ରମୁଖଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଶୀନାଥ ମଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ପାଦକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ, ଶରତ ଚନ୍ଦ୍ର ପଣ୍ଡା, ୱାର୍ଡସଭ୍ୟା ବାସନ୍ତୀ ସାହୁ, ସଭ୍ୟ ଶରତ ଚନ୍ଦ୍ର ପରିଡା, ମନୋରଞ୍ଜନ ମୁଦୁଲୀ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଜୁଆଙ୍ଗ ଆବାସସ୍ଥଳୀ ଅଧିକାର ପାଇଁ ଏକାଠି

କେନ୍ଦୁଝର, ୨୫।୪ (ସ୍ୱ.ପ୍ର.)



ଜିଲାସ୍ତରୀୟ ବୈଠକରେ ଆଲୋଚନା କରାଯାଉଛି।

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଗୋନାଶିକାଠାରେ ଜୁଆଙ୍ଗମାନଙ୍କ ଆବାସସ୍ଥଳୀ ଅଧିକାର ପାଇଁ ଏକ ଜିଲାସ୍ତରୀୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂସ୍ଥା ଆର୍‌ସିଡିସି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ, ଜୁଆଙ୍ଗ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାମଲ, କେନ୍ଦୁଝର ଅତିରିକ୍ତ ମଙ୍ଗଳ ଅଧିକାରୀ ସୌମ୍ୟ ନାରାୟଣ ତ୍ରିପାଠୀ, ଭୁୟାଁ ଜୁଆଙ୍ଗ ପୀଢ଼ର ବନାଞ୍ଚଳ ଅଧିକାରୀ ମାନସ କୁମାର ମୁର୍ମୁ, ବସୁନ୍ଧରା ଅନୁଷ୍ଠାନରୁ ଅରବିନ୍ଦ ରାଉତ ଏବଂ ଆର୍‌ସିଡିସି କାର୍ଯ୍ୟକ୍ରମ ଅଧିକାରୀ ଆନନ୍ଦ ସେଠୀ ଯୋଗ ଦେଇଥିଲେ। ଜୁଆଙ୍ଗମାନଙ୍କ ଆବାସସ୍ଥଳୀ ଅଧିକାର ଉପରେ ଆଲୋଚନା କରାଯାଇଥିଲା। ଜୁଆଙ୍ଗ ଜନଜାତିର ସଭାପତି ଲକ୍ଷ୍ମୀଧର ଜୁଆଙ୍ଗ, ମୋହାସଭାପତି ତଥା ସମିତିସଭ୍ୟ କୃଷ୍ଣ ଜୁଆଙ୍ଗ ଓ ଗୋନାଶିକା ସରପଞ୍ଚ ଜେନାମଣି ଜୁଆଙ୍ଗ ଏ ସମ୍ପର୍କିତ ମତ ରଖିଥିଲେ। ବନବାସୀ ଚେତନା ମଣ୍ଡଳର ବୀରବର ନାୟକ ୬ଟି ଜୁଆଙ୍ଗ ପୀଢ଼ ଅଞ୍ଚଳର ସ୍ଥିତି ଉପସ୍ଥାପନ କରିଥିଲେ। ବୈଠକରେ ୬୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲାପାଳ, ଉପଜିଲାପାଳ, ବନଖଣ୍ଡ ଅଧିକାରୀ, ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଆର୍‌ସିଡିସି ଓ ବସୁନ୍ଧରା ଅନୁଷ୍ଠାନ ମିଳିତ ଭାବେ ଭେଟି ଯଥାଶୀଘ୍ର କିପରି ଜୁଆଙ୍ଗ ଜନଜାତିଙ୍କୁ ଆବାସସ୍ଥଳୀ ଅଧିକାର ମିଳିପାରିବ ସେଥିପାଇଁ ପ୍ରୟାସ ଜାରି ରଖିବାକୁ ଏକ ମତ ହୋଇଥିଲେ। ଶେଷରେ ପୂର୍ଣ୍ଣଚନ୍ଦ୍ର ଜୁଆଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## ବଦଳିଲେ ଶିଶୁରୋଗ ବିଶେଷଜ୍ଞ

ଉଦଳା,୨୫।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞ ଡା.ସୁଜିତ୍ କୁମାର ଟୁଡୁଙ୍କୁ ରାଇରଙ୍ଗପୁର ବଦଳି କରାଯାଇଛି। ତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗକୁ ଆଧାର କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୂପଭାନୁ ମିଶ୍ର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଉଲ୍ଲେଖ ଯୋଗ୍ୟ, ଡା. ଟୁଡୁ ନିଶାସକ୍ତ ଅବସ୍ଥାରେ ମେଡିକାଲରେ ଡ୍ୟୁଟି କରୁଥିବା ଓ ସିକ୍ୟୁରିଟି ଗାର୍ଡ ଇଞ୍ଜେକସନ ଭରୁଥିବା ଭିଡିଓ ଭାଇରାଲ ହୋଇଥିଲା । ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ହୋଇଥିଲା। ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉଦଳା ଏସ୍‌ଡିଏମ୍‌ଓଙ୍କ ସହ ଆଲୋଚନା କରି ଡା. ଟୁଡୁଙ୍କୁ ବଦଳି କରିଥିବା ସୂଚନା ମିଳିଛି।

# ରିତାଞ୍ଜଳି ଜିଲା ମହିଳା ବିଜେଡି ସମ୍ପାଦିକା

ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ, ୨୫।୪ (ସ୍ୱ.ପ୍ର.)



ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଭଦ୍ରକ ଜିଲା ଦଳର ସମ୍ପାଦିକା ଓ ଯୁଗ୍ମ ସମ୍ପାଦିକାଙ୍କ ନାମ ଘୋଷଣା କରିଛନ୍ତି। ଚିଠି ନଂ. ୮୮ ତା ୨୪।୪।୨୩ ରିଖ ଅନୁଯାୟୀ ଜିଲାରେ ମୋଟ ୧୫ଜଣ ସମ୍ପାଦିକା ଓ ୧୨ଜଣ ଯୁଗ୍ମ ସମ୍ପାଦିକାଙ୍କ ନାମ ଘୋଷଣା କରାଯାଇଛି। ସମ୍ପାଦିକାଙ୍କ ମଧ୍ୟରେ ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ସମିତିସଭ୍ୟ ରିତାଞ୍ଜଳି ସାମଲ ମନୋନୀତ ହୋଇଛନ୍ତି। ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ପୂର୍ବତନ ସମିତିସଭ୍ୟ ନୃସିଂହ ଚରଣ ଖିଲାର, ସରପଞ୍ଚ ମିନତି ପରିଡ଼ା, ଯୁବନେତା ବୀରେନ୍ଦ୍ର ନାୟକ, ପ୍ରତ୍ୟୁଷ ସାମଲ, ଭାଗୀରଥି ପରିଡ଼ା ଓ ଦେବେନ୍ଦ୍ର ଦାସଙ୍କ ସମେତ ବିଜେଡିର କର୍ମୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଭାନେତ୍ରୀ ଛୁରିଆ, ବିଧାୟକ ପ୍ରଫୁଲ୍ଲ ସାମଲ ଏବଂ ବିଧାୟକ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କୁ ଏଥିପାଇଁ କୃତଜ୍ଞତା ଜଣାଇଛନ୍ତି।

# ମ୍ୟାଲେରିଆ ନିରାକରଣକୁ ଗୁରୁତ୍ୱ




ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କାର୍ଯ୍ୟକ୍ରମକୁ ସିଡିଏମ୍‌ଓ ଡା. ରୂପଭାନୁ ମିଶ୍ର ଉଦ୍‌ଘାଟନ କରୁଛନ୍ତି।

ବାରିପଦା ଅଫିସ,୨୫।୪

ବାରିପଦାସ୍ଥିତ ଜିଲା ସଦର ଚିକିତ୍ସାଳୟ ପରିସର ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରଠାରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଏକ ସଚେତନ ଧର୍ମୀ କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରୂପଭାନୁ ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଡା. ବନମାଳୀ ପ୍ରଧାନ ଏହି ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ସୁନନ୍ଦା ମିଶ୍ର, ଡା. ଘାସିରାମ ମୁର୍ମୁ, ଡିପିଏମ ପି. ପି. ପତି, ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବିସିକେଶନ ମହାପାତ୍ର, ଯୋଗେନ୍ଦ୍ର ଦେହୁରୀ, ସରକାରୀ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ଭାରତୀ ଆରୁଖ, ପ୍ରଶିକ୍ଷଣ କେନ୍ଦ୍ରର ଟିଉଟର ପ୍ରିୟଙ୍କା ଜେନା, ଅଞ୍ଜଳି ସରକାର ଓ କୁଞ୍ଜଲତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ହରପ୍ରିୟା କବାଟ ଓ ଗୋପବନ୍ଧୁ ଗିରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଏନ୍‌ଏମ୍ ଛାତ୍ରୀମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମ୍ୟାଲେରିଆ ନିରାକରଣ ଉପରେ ଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀ ପୂଜା ଖୁଣ୍ଟିଆ, ରିତୁ ଦାସ ଓ ଶୁଭଶ୍ରୀ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା।

## ଫାଟିଲା ୧୦୮ ଆମ୍ବୁଲାନ୍ସ ଟାୟାର

ନୀଳଗିରି, ୨୫।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ବରହମପୁର ମେଡିକାଲରୁ ରୋଗୀ ନେଇଯାଉଥିବା ବେଳେ ଅଧାବାଟରେ ୧୦୮ ଆମ୍ବୁଲାନ୍ସ ଟାୟାର ଫାଟିଯିବାରୁ ଏକ ବଡ଼ ଦୁର୍ଘଟଣାରୁ ରୋଗୀ ଓ କର୍ମଚାରୀ ବର୍ତ୍ତିଯାଇଛନ୍ତି। ସୋମବାର ରାତିରେ ବରହମପୁର ମେଡିକାଲରୁ ଖାଡ଼ାବାନ୍ତିରେ ଗୁରୁତର ଥିବା ରୋଗୀଙ୍କୁ ନୀଳଗିରି ଉପଖଣ୍ଡ ମେଡ଼ିକାଲକୁ ଅଣାଯାଉଥିବା ବେଳେ ୧୯ନଂ. ରାଜ୍ୟ ରାଜପଥ ସଜନାଗଡ଼ ବଜାରରେ ଟାୟାର ଫାଟିଯାଇଥିଲା। ଷ୍ଟେପିନ୍ ଠିକ୍ ନ ଥିବା ଓ ଟାୟାର ଅବସ୍ଥା ଖରାପ ଥିବା ଯୋଗୁ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ରୋଗୀ ଓ ୧୦୮ କର୍ମଚାରୀ। ସେହି ସମୟରେ ଉକ୍ତ ରାସ୍ତାଦେଇ ଯାଉଥିବା ଏକ ଜନନୀ ଆମ୍ବୁଲାନ୍ସକୁ ଅଟକାଇ ସହଯୋଗ ମାଗି ରୋଗୀଙ୍କ ପରିବାର ଲୋକେ ରୋଗୀଙ୍କୁ ନୀଳଗିରି ମେଡିକାଲକୁ ନେଇଥିଲେ। ଗତ ରାତିଠାରୁ ମଙ୍ଗଳବାର ମଧ୍ୟାହ୍ନ ପର୍ଯ୍ୟନ୍ତ ସଜନାଗଡ଼ ରାସ୍ତାକଡ଼ରେ ଫଟା ଟାୟାର ସହ ଛିଡ଼ା ହୋଇ ରହିଛି ଉକ୍ତ ଆମ୍ବୁଲାନ୍ସ। ପୂର୍ବରୁ ଆମ୍ବୁଲାନ୍ସ ଟାୟାର ସ୍ଥିତି ଖରାପ ନେଇ ବହୁବାର ଆମ୍ବୁଲାନ୍ସ କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ବି କିଛି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି।

# 'ବିନା ଆନ୍ଦୋଳନରେ ଦାବି ପୂରଣ ହୁଏନି'

ଭଦ୍ରକ ଅଫିସ,୨୫।୪

**ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ ଭଦ୍ରକ ବନ୍ତ ଛକ ଆଖଣ୍ଡଳେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଅଧିବେଶନରେ ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ଶକୁନ୍ତଳା ଗୋଚ୍ଛାୟତ ଯୋଗଦେଇ ରାଜ୍ୟରେ କାର୍ଯ୍ୟରତ ଆଶାକର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବିଜୟ କୁମାର ମିଶ୍ର ଯୋଗଦେଇ କହିଥିଲେ, ସରକାର ତେଲିଆ ମୁଣ୍ଡରେ ତେଲ ମାରିବାରେ ବ୍ୟସ୍ତ ରହୁଥିବାରୁ ଭୋକିଲା ସବୁଦିନ କାନ୍ଦୁଛି। ଏଠାରେ ବିନା ଆନ୍ଦୋଳନରେ କୌଣସି ଦାବି ପୂରଣ ହୁଏ ନାହିଁ। ଭାରତୀୟ ମଜଦୁର ସଂଘର ଜିଲା ସମ୍ପାଦକ ପରେଶ ନାଥ ଧଳ ଓ ଅଙ୍ଗନୱାଡି ସଂଘର ଜିଲା ସଭାନେତ୍ରୀ ଜୟନ୍ତୀ ଜେନା ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଶାକର୍ମୀ ସଂଘର ଜିଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ ତିଲୋତ୍ତମା ସାହୁ, ଉପସଭାନେତ୍ରୀ ମାନସୀ ଜେନା, ଉଷାରାଣୀ ମିଶ୍ର, ସମ୍ପାଦିକା ସଞ୍ଜୁଲତା ରାଉତ, ସହସମ୍ପାଦିକା ରଶ୍ମିତା ଦାସ, ଜୟନ୍ତୀ ପଣ୍ଡା ଓ କୋଷାଧ୍ୟକ୍ଷା ଭାବେ ନିରୂପମା ପତ୍ରୀଙ୍କୁ ମନୋନୀତ କରାଯାଇଛି।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାଇବଣିଆ, ୨୫।୪

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତରେ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ୧୫୧ କଳସ ଯାତ୍ରା ଅନୁଷ୍ଠିତ ହେଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହେଇଥିଲେ। ଏହି କଳସ ଶୋଭଯାତ୍ରା ଗୁରୁଦାସପୁରର ସବର୍ଣ୍ଣରେଖା ଘାଟଠାରୁ ବାହାରି ଶ୍ରୀରାମପୁର ଗ୍ରାମ ପରିକ୍ରମା କରି ହନୁମାନ ମନ୍ଦିରରେ ପହଞ୍ଚିଥିଲା। ସମଗ୍ର ହନୁମାନ ମନ୍ଦିର ପରିସର ହନୁମାନ ଭଜନ, ବାଜା ଓ ମନ୍ତ୍ରରେ ପ୍ରକମ୍ପିତ ହୋଇଉଠିଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀରାମପୁର ପଞ୍ଚାୟତ ସଦସ୍ୟ ଗୋପାଳ ଚନ୍ଦ୍ର ସାମଲ, ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ଆଲୋକ କୁମାର ଗିରି, ସୁବାସ ମଲ୍ଲିକ, ପ୍ରତାପ ମଲ୍ଲିକ, ଜୟଦେବ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ, ଭୁବନ ମଲ୍ଲିକ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଉତ୍ସବ ୪ ଦିନ ଧରି ଚାଲିବ।



ମନ୍ଦିର ପ୍ରତିଷ୍ଠା ପାଇଁ ମହିଳାଙ୍କ କଳସ ଯାତ୍ରା।

## ତାଲିମ୍ ନେବେ ହଜ୍ ଯାତ୍ରୀ

ଭଦ୍ରକ ଅଫିସ,୨୫।୪

ହଜ୍ ଯାତ୍ରୀମାନଙ୍କୁ ହଜ୍ ସମୟରେ ବିଭିନ୍ନ ନୀତିନିୟମ ପାଳନ କରିବାର ପ୍ରଣାଳୀ, ବିଦେଶରେ ଖାଇବା, ପିଇବା, ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ପାଇଁ ତାଲିମ୍ ଦିଆଯିବ। ଆସନ୍ତା ମେ' ୧ ସନ୍ଧ୍ୟା ୫ଟାରୁ ରାତି ୧୦ଟା ଓ ୨ ତାରିଖ ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭଦ୍ରକର ବାଙ୍କାବଜାର ଅଲାଲ୍‌ପୁରସ୍ଥିତ ରୟାଲ ମଣ୍ଡପଠାରେ ତାଲିମ ଶିବିର ଅନୁଷ୍ଠିତ ହେବ। ବିଶିଷ୍ଟ ଧର୍ମ ବିଶାରଦ ତଥା ହଜ୍ ଓ ଉମ୍ରା ସମ୍ବନ୍ଧୀୟ ପ୍ରଶିକ୍ଷକ ମୌଲାନା ସୟଦ ଅବ୍‌ଦୁଲ ମସ୍‌ଜୁଦ୍ ହବିବି, ସୟଦ୍ ଅବଦୁସ୍ ସୁବହୁଙ୍କ ସହ ଅନ୍ୟ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେବେ। ଶିବିରରେ ଶିବିରାର୍ଥୀମାନଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଥିବା ହଜ୍ କମିଟି ସଭାପତି ହାଜି ଏସ୍.ଏମ୍. ଫାରୁକ୍, ସମ୍ପାଦକ ଅସ୍ରଫ୍ ଅଲ୍ଲୀ ଓ ସଦସ୍ୟ ଅଧ୍ୟାପକ ନାସିର୍ ବକ୍ସ କହିଛନ୍ତି।

## ସାର୍ବଜନୀନ ମା' ଶୀତଳାଙ୍କ ବାର୍ଷିକ ଉତ୍ସବ

ବାଲିଆପାଳ, ୨୫।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଚୌଧୁରୀକୁଦ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ସାର୍ବଜନୀନ ମା' ଶୀତଳାଙ୍କ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଗ୍ରାମର ଶତାଧିକ ମହିଳା ପୁରୁଷ ବିରାଟ ଶୋଭାଯାତ୍ରାରେ ବାହାରି ଗ୍ରାମ ସୀମା ଦେଇ ପ୍ରବାହିତ ନଦୀରୁ ବ୍ରାହ୍ମଣମାନଙ୍କ ଦ୍ୱାରା ଘଟ ଉତ୍ତୋଳନ କରି ମା' ଶୀତଳାଙ୍କ ମଣ୍ଡପରେ ସ୍ଥାପନ କରାଇଥିଲେ। ମା'ଙ୍କ ଏହି ପୂଜା ଉତ୍ସବ ୩ ଦିନ ଧରିଚାଲିବ। ଗ୍ରାମର ବହୁ ମହିଳାପୁରୁଷ ଘଟ ଉତ୍ତୋଳନରେ ସାମିଲ ଥିଲେ।

# ଆଇନଶୃଙ୍ଖଳା ସମୀକ୍ଷା କଲେ ଏସ୍‌ପି

ବାଲେଶ୍ୱର ଅଫିସ, ୨୫।୪

**ଆଜିଠୁ ବାବା ଭୁଜାଖିଆ ପୀରଙ୍କ ବାର୍ଷିକ ଉତ୍ସବ 'ଉର୍ସ'**

ବାଲେଶ୍ୱର ସହର ଗଳାପୋଖରୀସ୍ଥିତ ବାବା ଭୁଜାଖିଆ ପୀରଙ୍କ ୭୯ ବାର୍ଷିକ ଉତ୍ସବ ଉର୍ସ ବୁଧବାରଠାରୁ ଆରମ୍ଭ ହେବ। ଭିଡ଼ ପରିଚାଳନା, ଆଇନଶୃଙ୍ଖଳା ପରିସ୍ଥିତି ସହ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନେଇ ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସମୀକ୍ଷା କରିଛନ୍ତି ।

ଏସ୍‌ପି ବାବା ଭୁଜାଖିଆ ପୀରଙ୍କ ପୀଠ ପରିଦର୍ଶନ ସହ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଉପସ୍ଥିତ ପୋଲିସ ଅଧିକାରୀଙ୍କ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଭିଡ଼ ନିୟନ୍ତ୍ରଣ ତଥା ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଡ୍ରୋନ୍ କ୍ୟାମେରା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ୩ଦିନ ବାଲେଶ୍ୱର ଚାନ୍ଦିପୁର ରାସ୍ତାରେ ଭାରିଯାନ ଚଳାଚଳ ନିୟନ୍ତ୍ରଣ ସହ ଅନ୍ୟ ରାସ୍ତା ଦେଇ ଯାତାୟତ ନେଇ ବ୍ୟବସ୍ଥା କରାଯାଇଛି। ସେହିପରି ଅପରାହ୍ନଠାରୁ ସୁନହଟ ଛକରୁ ପାତ୍ରପଡ଼ା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ବନ୍ଦ ରଖିବାକୁ ପରାମର୍ଶ ଦେଇଛନ୍ତି । ବାବାଙ୍କର ବାର୍ଷିକୋତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ଜଣେ ଆଡିସନାଲ୍ ଏସ୍‌ପିଙ୍କ ନେତୃତ୍ୱରେ ୬ଜଣ ଇନ୍ସପେକ୍ଟର, ୩୦ଜଣ ଏସ୍‌ଆଇ, ୧୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ସମୀକ୍ଷା ସମୟରେ ଟ୍ରାଫିକ ବିଭାଗର ଡିଏସ୍‌ପି ଆଲୋକ ରଞ୍ଜନ ରାୟ, ଡିଆଇବି ଡିଏସ୍‌ପି ବ୍ରଜେଶ୍ୱରୀ ବଳ, ଡିଏସ୍‌ପି ମାନସ ଦେଓ, ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସିଟି ଡିଏସ୍‌ପି ଗାୟତ୍ରୀବାଳା ପ୍ରଧାନ, ଟାଉନ୍ ଥାନା ଆଇଆଇସି ପର୍ଶୁରାମ ସାହୁ ଓ ଟ୍ରାଫିକ ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଜ୍ରପାତରେ ଜଳିଗଲା ୩ ବଖରା

ଭଣ୍ଡାରିପୋଖରୀ, ୨୫।୪ (ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ନେରଡ଼ା ପଞ୍ଚାୟତ ମିଟୁଆଣି ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବଜ୍ରପାତରେ ୩ ବଖରା ଚାଳ ଛପର ଘର ଜଳିଯାଇଛି। ଗ୍ରାମର ପ୍ରତାପ ମିଶ୍ରଙ୍କ ଘର ସହ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ ସୌମ୍ୟ ରଞ୍ଜନ ଜେନା ଅଗ୍ନିବିପନ୍ନଙ୍କ ପାଖରେ ପହଞ୍ଚି ପ୍ରାଥମିକ ସହାୟତା ଯୋଗାଇ ଦେଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ବାରିକପୁର, ୨୫।୪(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର କରଞ୍ଜି ଗୁଣୁପୁର ଗ୍ରାମରେ ୩ଦିନ ଧରି ଚାଲିଥିବା କୃଷ୍ଣ ବଳରାମ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ପୂର୍ଣ୍ଣାହୂତି ସହ ଉଦ୍‌ଯାପିତ ହୋଇଛି। ୧୯୮୭ଠାରୁ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏହି ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଅକ୍ଷୟ ତୃତୀୟାଠାରୁ ଯଜ୍ଞ ଆରମ୍ଭ ହୋଇଥିଲା। ଉଦ୍‌ଯାପନୀ ରାତିରେ ନୃତ୍ୟ, ସଂଗୀତ, ଭଜନସନ୍ଧ୍ୟା, ପ୍ରବଚନ ଆଦି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶଙ୍କର ମୁଦୁଲି ନାମକ ବ୍ୟକ୍ତି ସନ୍ନ୍ୟାସ ଗ୍ରହଣ କରିବା ପରେ ଗ୍ରାମର କୃଷ୍ଣ ଓଝା, ରାମଚନ୍ଦ୍ର ସାହୁ, ଭଗବାନ ଦାସ ପ୍ରମୁଖଙ୍କ ସହଯୋଗରେ ଯଜ୍ଞ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କାକର ବାବା ନାମରେ ପରିଚିତ ନିତ୍ୟାନନ୍ଦ ମୈକାପ ଯଜ୍ଞ କାର୍ଯ୍ୟ ଜାରି ରଖିଥିଲେ।

### କାଳବୈଶାଖୀ: ଉଡ଼ିଲା ଛପର, ଭାଙ୍ଗିଲା ଗଛ



ପାଟଣା, ୨୫।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ପ୍ରବଳ ବେଗରେ ପବନ ହୋଇଥିଲା। କେତେକ ସ୍ଥାନରେ ଘର ଉପରେ ଗଛ ଭାଙ୍ଗି ପଡ଼ି ଯାଇଛି ତ କେଉଁଠି ଘର ଛପର ଉଡ଼ିଯାଇଛି। ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବାଇଦ ବଜା କାକା ସାହିର ବୃଦ୍ଧା ଜୁନେ ମୁଣ୍ଡାଙ୍କ ଖପର ଘର ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ଉପରେ ଏକ ବିରାଟ ତେନ୍ତୁଳି ଗଛ ଡାଳ ପଡ଼ିଯିବାରୁ ଘର ଭାଙ୍ଗିଯାଇଛି। ସେହିପରି ସାହାରପଡ଼ା ବ୍ଲକ ଉପାନ୍ତ ଅଞ୍ଚଳ ରାଇଡିହା ପଞ୍ଚାୟତ ଜାରକାଣୀ ବେଡା ଗ୍ରାମର ଶ୍ୟାମସୁନ୍ଦର ମାଝି ଓ କୁନା ମାଝିଙ୍କ ଘର ଆଜବେଷ୍ଟସ ଛପର ଉଡ଼ିଯାଇଛି। ପରିବାର ଲୋକେ ଆସନ୍ନ ବିପତ୍ତିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରଭାବିତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ନିର୍ବାହୀ ଅଧିକାରୀଙ୍କୁ ଘେରିଲେ କାଉନ୍‌ସିଲର

ନୀଳଗିରି, ୨୫।୪(ସ୍ୱ.ପ୍ର.)



ରିଜୋଲେଶନ କପିକୁ ନେଇ କାଉନସିଲରମାନେ ନୀଳଗିରି ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଅଫିସ୍ ଘେରାଉ କରିଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସିରେ ଗତ ନିର୍ବାଚନରେ ୧୩ଟି ୱାର୍ଡ଼ ମଧ୍ୟରୁ ବିଜେଡି ୮ଟିରେ ବିଜୟ ଲାଭ କରି ଅଧ୍ୟକ୍ଷା ପଦ ହାତେଇଥିଲେ। କିଛି ମାସ ଧରି ଶାନ୍ତି ପୂର୍ଣ୍ଣ ଭାବେ ସୁରୁଖୁରୁରେ ଚାଲିଥିବା ବେଳେ ଏବେ ଅନ୍ତର୍ଦ୍ୱନ୍ଦ ଦେଖାଦେଇଛି।

ନୀଳଗିରି ଏନ୍‌ଏସିର ଚେୟାରମ୍ୟାନ ଅମ୍ବିକା ଦାସଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସମସ୍ତ କାଉନସିଲରଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଡାକି ସମସ୍ତ ଆୟବ୍ୟୟର ହିସାବ ଦେବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ମାତ୍ର ବିଜେଡିରୁ ପ୍ରତିନିଧିତ୍ୱ କରୁଥିବା ୮ଜଣ କାଉନସିଲର ବୈଠକରେ ଆଲୋଚିତ ଓ ପର୍ଯ୍ୟବେସିତ ହୋଇଥିବା ସମସ୍ତ ତଥ୍ୟର ଅବିକଳ ନକଲ ଚାହିଁଥିଲେ। ମାତ୍ର ସରକାରୀ ନିୟମ ଅନୁଯାୟୀ ୩ ଦିନ ମଧ୍ୟରେ ତଥ୍ୟ ମିଳିବ ବୋଲି ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ ସୂଚନା ଦେଇଥିଲେ। ଏଥିରେ ୮ଜଣ କାଉନସିଲର ଅସନ୍ତୋଷ ବ୍ୟକ୍ତ କରି ଏନଏସି ନିର୍ବାହୀ ଅଧିକାରୀଙ୍କୁ ରିଜୋଲେସନ କପି ଦେବାକୁ ନେଇ ଅଡି ବସିଥିଲେ। ତେବେ ଘଟଣାକୁ ନେଇ ଏନଏସି ପରିସରରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା। ଶେଷରେ କାଉନସିଲର ଜିଦ୍‌ରେ ଅଟଳ ରହିବାରୁ ହାତଲେଖା କପି ନିର୍ବାହୀ ଅଧିକାରୀ ପ୍ରଦାନ କରିଥିଲେ। ଏପଟେ ଉପନଗରପାଳ ନଗରପାଳଙ୍କଠାରେ ନିଯୁକ୍ତି ପାଇଥିବା ଡିଇଓ କେଉଁ ଆଧାରରେ ନିଯୁକ୍ତି ଦିଆଯାଇଛି ଏ ପ୍ରସଙ୍ଗ ମଧ୍ୟ ଉପସ୍ଥାପନା କରିଥିଲେ। ଏ ନେଇ ୧୮।୪।୨୨ ରିଖରେ ପରିଷଦ ବୈଠକରେ ସମସ୍ତ କାଉନସିଲରଙ୍କ ମଞ୍ଜୁର ଗ୍ରହଣ ପରେ ନିଯୁକ୍ତି ଦିଆଯାଇଥିବା ଅଧ୍ୟକ୍ଷା ଅବଗତ କରିଥିଲେ। ତେବେ ଶାସକ ଦଳର ଅଧ୍ୟକ୍ଷା ଓ ୮କାଉନସିଲର ମଧ୍ୟରେ ତୁ ତୁ ମେଁ ମେଁ ବିବାଦକୁ ନେଇ ଗୋଷ୍ଠୀକନ୍ଦଳ ଚାଲିଥିବା ବେଳେ ଏବେ ଅଧ୍ୟକ୍ଷାଙ୍କ ବିରୋଧରେ ୮ଜଣ କାଉନସିଲର ମେଳି ବାନ୍ଧିଛନ୍ତି। ନଗରପାଳ ଅମ୍ବିକା ଦାସ ସ୍ୱତନ୍ତ୍ର ବୈଠକରେ ସମସ୍ତ ଆୟବ୍ୟୟର ହିସାବ ଉପସ୍ଥାପନା କରିଥିଲେ। ଏନ୍‌ଏସିରେ କୌଣସି ପ୍ରକାର ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଇନାହିଁ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିବା ବେଳେ ଜଣେ ବରିଷ୍ଠ ବିଜେଡି ନେତାଙ୍କ ଇଙ୍ଗିତରେ କେତେକ କାଉନସିଲର ଏପରି କରୁଥିବା ଅଧ୍ୟକ୍ଷା କହିଛନ୍ତି।

## ୫-ଟି ରୂପାନ୍ତରିତ ବ୍ରଜବନ୍ଧୁ ବିଦ୍ୟାପୀଠ ଲୋକାର୍ପିତ



ବିଦ୍ୟାପୀଠ ଲୋକାର୍ପଣ ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

କୋଡ଼ପଡ଼ା, ୨୫।୪ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ଆନନ୍ଦପୁରର ସରକାରୀ ବ୍ରଜବନ୍ଧୁ ବିଦ୍ୟାପୀଠ ୫-ଟି ରୂପାନ୍ତରିତ ହୋଇଥିବା ବେଳେ ମଙ୍ଗଳବାର ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଛି। ସ୍କୁଲରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ ଯୋଗ ଦେଇଥିଲେ। ଆନନ୍ଦପୁର ପୌର ପରିଷଦର ଉପାଧ୍ୟକ୍ଷ ଦୁର୍ଗା ଚରଣ ଦଳେଇ, କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ପ୍ରଧାନ ଶିକ୍ଷକ ଗୋପୀନାଥ ଦାସ, ପୂର୍ବତନ ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମିଶ୍ର, ପ୍ରଦୀପ କୁମାର ହଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଗାୟତ୍ରୀ ଚକ୍ର, ପଦ୍ମାବତୀ ନାୟକ, ଶତୋଲିନା ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ନାୟକ, ଅନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଏବଂ ସ୍କୁଲ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଭାଜପା କାଉନ୍‌ସିଲରଙ୍କୁ ଆକ୍ରମଣ, ୨ ଅଟକ

ଯୋଡା, ୨୫।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୩ନଂ. ୱାର୍ଡ ଭାଜପା କାଉନସିଲର ଓ ତାଙ୍କ ସ୍ୱାମୀଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ସେମାନେ ଟାଟାଷ୍ଟିଲ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୧.୩୦ ସମୟରେ କାଉନସିଲର ରଞ୍ଜିତା ପାଣିଗ୍ରାହୀଙ୍କ ସ୍ୱାମୀ ଜଗନ୍ନାଥ ପାଣିଗ୍ରାହୀ ଦୋକାନ ବନ୍ଦ କରି ନିଜ ଘର ହୁଡିସାହିକୁ ମଧ୍ୟାହ୍ନଭୋଜନ ନିମନ୍ତେ ଯାଉଥିଲେ। ଏହି ସମୟରେ ତାଙ୍କ ଘର ନିକଟରେ ପୂର୍ବରୁ ଜଗି ରହିଥିବା ୭ରୁ ୮ଜଣ ଦୁର୍ବୃତ୍ତ ଲୁହାରଡ୍, ପଥର ଧରି ତାଙ୍କୁ ଅଟକାଇ ଧମକଚମକ ଦେବା ସହିତ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଜଗନ୍ନାଥ ଚିତ୍କାର କରିବାରୁ ସ୍ତ୍ରୀ ରଞ୍ଜିତା ଦୌଡ଼ି ଆସି ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପଥରରେ ତାଙ୍କ ମୁଣ୍ଡକୁ ଫଟେଇ ଦେଇଥିଲେ। ଖବରପାଇ ଯୋଡ଼ା ପୋଲିସ ପହଞ୍ଚି ୨ଜଣଙ୍କୁ କାବୁ କରି ନେଇଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଆକ୍ରମଣ ପଛର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

## ୨ ବ୍ୟାନର, ଗୋଟିଏ କାର୍ଯ୍ୟକ୍ରମ

ଧାମନଗର, ୨୫।୪ (ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଟ୍ଟସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ କୃଷି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ଏବଂ ମୁଗ ଚାଷ କ୍ଷେତ୍ର ଦିବସ ଏକ ସାଙ୍ଗରେ ପାଳନ କରାଯିବା ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ଗୋଟିଏ ସରକାରୀ ଯୋଜନାର କାର୍ଯ୍ୟକ୍ରମ ଚାଲୁଥିବା ବେଳେ ସେଠାରେ ଅନ୍ୟ ଏକ କାର୍ଯ୍ୟକ୍ରମ ବ୍ୟାନର ଲଗାଇ ସରକାରୀ ଅର୍ଥ ବାଟମାରଣା ଉଦ୍ୟମ କରାଯାଇଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପ୍ରକାଶ ଯେ, ବ୍ଲକସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ଅବସରରେ ବ୍ଲକ କୃଷି ଅଧିକାରୀ ସରକାରୀ ନିୟମକୁ ଭିତ୍ତିକରି ଚିଠି ନଂ. ୨୮୦/୧୯।୪।୨୩ ମୂଳେ ଏମ୍‌ପି, ବିଧାୟକ, ବ୍ଲକ ଅଧ୍ୟକ୍ଷାଙ୍କ ସହ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ନିମନ୍ତ୍ରଣ କରିଥିଲେ। ମାତ୍ର ଅକ୍ଷୟ ତୃତୀୟା ପାଳନର ବ୍ୟାନର ସହ ବିସ୍ତୀର୍ଣ୍ଣ ଅଞ୍ଚଳରେ ଧାନଚାଷ ହୋଇ ନ ଥିବା ଜମିରେ ମୁଗଚାଷର କ୍ଷେତ୍ର ଦିବସ ପାଳନ ବ୍ୟାନର ଲଗାଇ ସଭା ସମ୍ପାଦନ କରାଯାଇଥିଲା। ଏହାକୁ ନେଇ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଦୁଇଟି ଦିବସ ପାଳନ କରିବାକୁ ହେଲେ ଭିନ୍ନ ଭିନ୍ନ କାର୍ଯ୍ୟ ଦିବସରେ କରିବାକୁ ହୁଏ। ଏଥିପାଇଁ ପୃଥକ୍ ଭାବେ ସରକାରୀ ଅର୍ଥ ବ୍ୟୟବରାଦ ହୋଇଥାଏ। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଭାସ୍କର ଚନ୍ଦ୍ର ଦାସଙ୍କୁ ପଚାରିବାରୁ ବଜେଟକୁ ପରିଚାଳନା କରିବା ପାଇଁ ସ୍ଥାନୀୟ ସରପଞ୍ଚଙ୍କ ମତାମତ ନେଇ ଏଭଳି ପଦକ୍ଷେପ ନିଆଯାଇଥିବା କହିଛନ୍ତି।




ଭଟ୍ଟସାହି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଲଗାଯାଇଥିବା ଦୁଇଟି ବ୍ୟାନର।

## ନକଲି ଶିକ୍ଷକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର, ୨୫।୪ (ସ୍ୱ.ପ୍ର.)

ରାଜ୍ୟରେ ନକଲି ସାର୍ଟିଫିକେଟ ଦେଇ ବହୁ ଅଯୋଗ୍ୟ ସରକାରୀ ଚାକିରି ହାତେଇଥିବା ବେଳେ ଏବେ ଏ ସବୁ ଧରପଗଡ଼ ଚାଲିଛି। କେନ୍ଦୁଝର ଜିଲା ଶିକ୍ଷା ବିଭାଗରେ ଏଭଳି ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣେ ଶିକ୍ଷକ ଧରାପଡ଼ିଛନ୍ତି। ସେ ହେଲେ ହୃଦାନନ୍ଦ ହେହେରା। ସେ ଚମ୍ପୁଆ ବ୍ଲକ କାଳିକାପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ପୂର୍ଣ୍ଣଚନ୍ଦ୍ର ସେଠୀ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି (ସଂଖ୍ୟା ୫୦୯୯/୨୦।୪।୨୦୨୩) ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲାରେ ବହୁ ଶିକ୍ଷକ ନକଲି ସାର୍ଟିଫିକେଟ ଦେଇ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରିକି ଅଭିଯୋଗ ମିଳିଲା ପରେ ମଧ୍ୟ ଯାଞ୍ଚ କରାଯାଉ ନ ଥିବାରୁ ଶିକ୍ଷା ବିଭାଗର ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

**ନିର୍ଦ୍ଦେଶ ଦେଲେ ଡିଇଓ**

## ଏସ୍‌ଏଚ୍‌ଜି ମହିଳାଙ୍କ ବିକ୍ଷୋଭ



ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜଳେଶ୍ୱର, ୨୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତର ଏମ୍‌ବିକେଙ୍କ କେତେକ ଅନିୟମିତତା ବିରୋଧରେ ମଙ୍ଗଳବାର ପଞ୍ଚାୟତରେ ଥିବା ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏମ୍‌ବିକେଙ୍କ ବହିଷ୍କାର ଦାବି କରି କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଶ୍ୟାମନଗର ପଞ୍ଚାୟତରେ ମିଶନ ଶକ୍ତିର କେତେକ କାର୍ଯ୍ୟରେ ଅନିୟମିତତା ଅଭିଯୋଗ ଆଣି ମହିଳମାନେ ଏକଜୁଟ ହୋଇଥିଲେ। ଏକ ପାୱାରଟିଲର କିଣା ଓ ବ୍ୟବହାର ସମ୍ପର୍କରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ। ମୋ ଉପକାରୀ ବଗିଚା ହିତାଧିକାରୀ ଚୟନରେ ଲାଞ୍ଚନେବା, କୁକୁଡାଚିଆଁ ବଣ୍ଟନରେ ପ୍ରିୟାପ୍ରୀତି ତୋଷଣ ହେବା, ନିଜ ଗ୍ରୁପକୁ ଅଧିକ ଅର୍ଥ ପ୍ରଦାନ, ନିଜ ଝିଅକୁ କୃଷିମିତ୍ର ଭାବେ ଚୟନ କରିବା ସମ୍ପର୍କରେ ମହିଳାଙ୍କ ପକ୍ଷରୁ ଗତ ମାର୍ଚ୍ଚ ୧୭ରେ ବିଡିଓଙ୍କୁ ଲିଖିତ ଭାବେ ଦର୍ଶାଇଥିଲେ। ଗତ ମାର୍ଚ୍ଚ ୨୪ରେ ଏଥିପାଇଁ କେତେକ ମହିଳାଙ୍କୁ ଏମ୍‌ବିକେ ଧମକଚମକ ଦେବା ଓ ଅନ୍ୟମାନଙ୍କୁ ଖରାପ ଆଚରଣ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ମିଶନଶକ୍ତିର କମିଶନର, ଏସ୍‌ପି, ଜିଲାପାଳ, ଓଏଲ୍‌ଏମ୍‌ର ନିର୍ଦ୍ଦେଶକ, ଡିଆର୍‌ଡିଏ, ବିପିଏମ୍, ଡିପିସି, ଆଇଆଇସି ରାଇବଣିଆ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ କେତେକ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି। ଏମ୍‌ବିକେଙ୍କୁ ବହିଷ୍କାର କରା ନ ଗଲେ ଗଣ ଆନ୍ଦୋଳନ ହେବ ବୋଲି ମହିଳାମାନେ ଖବରଦାତାମାନଙ୍କୁ କହିଛନ୍ତି। ବିକ୍ଷୋଭରେ ଇନ୍ଦୁମତୀ ସାମଲ, ଲିଲି ମହାନ୍ତ, ନିରୁପମା ମହାନ୍ତ, ସୁଲେଖା ପାତ୍ର, ନିୟତି ଭଞ୍ଜ, ସୀତାରାଣୀ ମହାନ୍ତ, ଛବିରାଣୀ ସାମଲ, ସ୍ନେହଲତା ମହାନ୍ତି, ପ୍ରଭାତୀ ମହାନ୍ତି, ନୀଳମଣି ଦାସ, ଦ୍ରୌପଦୀ ରାଉତ, ଗୀତାରାଣୀ ସାମଲ ଓ ରଞ୍ଜନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ହୋ ଭାଷାକୁ ରାଜଭାଷା ମାନ୍ୟତା ଦାବିରେ ବ୍ଲକ ଘେରାଉ

ଠାକୁରମୁଣ୍ଡା, ୨୫।୪(ଡି.ଏନ.ଏ.)

ହୋ ଭଷାକୁ ଓଡ଼ିଶାର ଦ୍ୱିତୀୟ ରାଜଭାଷା ମାନ୍ୟତା ଦାବିନେଇ ମଙ୍ଗଳବାର ଅଲ୍ ଇଣ୍ଡିଆ ହୋ ଭାଷା ଆସୋସିଏଶନ ପକ୍ଷରୁ ଠାକୁରମୁଣ୍ଡା ବ୍ଲକ ଘେରାଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଡିଓ ଶ୍ୟାମସୁନ୍ଦର ଟୁଡୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଠାକୁରମୁଣ୍ଡା ବଜାର ନିକଟରୁ ଶତାଧିକ ହୋ ସମ୍ପ୍ରଦାୟର ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଦାବି ସମ୍ପର୍କିତ ପ୍ଲାକାର୍ଡ ଓ ବ୍ୟାନର ଧରି ଡାକବାଜି ଯନ୍ତ୍ର ସାହାଯ୍ୟରେ ସ୍ଲୋଗାନ ଦେବା ସହ ସେଠାରେ ସଭା କରିଥିଲେ। ହୋ ଭାଷାକୁ ମାନ୍ୟତା ଦେବାକୁ ଦାବି କରିଥିଲେ। ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ପୂର୍ବତନ ସରପଞ୍ଚ ସୁକଲାଲ ପଲେୟା, ରାମଚନ୍ଦ୍ର ବଦ୍ରା, ଗଣେଶ ଗଗରାଇ, ପୂର୍ବତନ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ, ସାମାଜିକ କର୍ମୀ ପୁଷ୍ପାଞ୍ଜଳି ସିଧୁ, ଲକ୍ଷ୍ମୀଧର ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶୋଭାଯାତ୍ରାରେ ହୋ ଛାତ୍ର ସଂଗଠନର ରମାକାନ୍ତ ହେମ୍ବ୍ରମ, ରଶା ହାଁସଦା, ରବୀନ୍ଦ୍ର ଦେଓଗମ, କଂହୁ ବନ୍ଧୀଆ, ରବୀନ୍ଦ୍ର ଦେଓଗାମ,ରାଉତ ପଲେୟା ପ୍ରମୁଖ ସହଯୋଗ କରିଥିଲେ।

## ବାର୍ଷିକ ଉତ୍ସବ ନେଇ ପ୍ରସ୍ତୁତି

ଭଦ୍ରକ ଅଫିସ, ୨୫।୪(ସ୍ୱ.ପ୍ର.)

ଭଦ୍ରକ ସହର ଛପୁଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ଅଭୟ ସୂତାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ମେ' ୧୨ରେ ବାର୍ଷିକ ଉତ୍ସବ ହେବ। ଏହାକୁ ରାଜ୍ୟସ୍ତରୀୟ କରିବା ସହ ଏହି ଆସରରେ ଓଡ଼ିଆ ଗୀତିକବି ସମାଜର ସ୍ୱତନ୍ତ୍ର ଅଧିବେଶନ, ଗୀତି କବିତା ପାଠ, ସମ୍ବର୍ଦ୍ଧନା ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ୪ ପତ୍ରିକା 'ଜଙ୍ଗଲ ରାଜା ବାଘମାମୁ', 'ଚିହ୍ନା ମୁହଁ', 'ଘରମଣି' ଓ 'ନର ନାରାୟଣ' ପ୍ରକାଶ କରାଯିବ। ବୈଠକରେ କାର୍ଯ୍ୟକାରୀ ସଭାପତି ରବିନାରାୟଣ ଖିଲାର, ଡା. ଅନିଲ କୁମାର ଦାଶ, ନାଟ୍ୟଶ୍ରୀ ନିର୍ମଳ ରାଉତ, ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି, କବି ଓ ଅଭିନେତା ବିଜୟ କୁମାର ବହଳୀ, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଅଭିନେତା ଓ ଖବରଦାତା ସଞ୍ଜୀବ ନାୟକ, ଇଂ. ଶଶାଙ୍କ ଶେଖର ପଣ୍ଡା, କବି ବିପ୍ଳବ କୁମାର ହୋତା, କବୟିତ୍ରୀ ଗୀତାରାଣୀ ଆଇଚ, ମନୋରମା ରାୟ, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ପ୍ରମୁଖ ସୁଚିନ୍ତିତ ମତାମତ ଦେଇଥିଲେ। ସମ୍ପାଦକ ଅଧ୍ୟାପକ ନୀହାର ରଞ୍ଜନ କର ଧନ୍ୟବାଦ ପ୍ରଦାନ କରିଥିଲେ।

## ଅକ୍ଷୟତୃତୀୟାରେ ବନ୍ଧୁ ମିଳନ

ସୋର, ୨୫।୪(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ପ୍ରେସ କ୍ଲବ ଓ ଗାଁ ମଜଲିସ୍ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଅକ୍ଷୟ ତୃତୀୟା ଉପଲକ୍ଷେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ଗୌରୀଶଙ୍କର ଘଡ଼ାଇ ଏବଂ ଗାଁ ମଜଲିସ୍ ସାହିତ୍ୟ ସଂସଦ ଉପସଭାପତି ବିଜୟ କୁମାର ଦାସଙ୍କ ମିଳିତ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବ ଏବଂ ଗାଁ ମଜଲିସ ସାହିତ୍ୟ ସଂସଦ ଆନୁକୂଲ୍ୟରେ ନିର୍ମିତ ସଂସ୍କୃତି ଭବନକୁ ବୁଲି ଦେଖିବା ସହିତ ଗତ ଅକ୍ଷୟ ତୃତୀୟା ଅବସରରେ ଶୁଭାରମ୍ଭ ହୋଇଥିବା ଏହି ଭବନ ପାଇଁ ବିଧାୟକ ପର୍ଶୁରାମ ଧଡା ୧୦ଲକ୍ଷ ଟଙ୍କା ଅନୁଦାନରେ ହେଉଥିବା ଏହି କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ସମୀକ୍ଷା କରିଥିଲେ। ଏଥିରେ ନବକିଶୋର ଦାସ, ଦାମୋଦର ଦାଶ ମହାପାତ୍ର, ଶିଶିର କୁମାର ଦାସ, ଚେମେଇ ଦାସ, ଡ. ରବୀନ୍ଦ୍ର ବିହାରୀ, ପ୍ରଭାକର ନାୟକ, ନିତ୍ୟାନନ୍ଦ ପାଣିଗ୍ରାହୀ, ମହେଶ୍ୱର ପଣ୍ଡା, ଅଚ୍ୟୁତ କୁମାର ପଣ୍ଡା, ଆରିଫ ଖାନ, ଚକ୍ରଧର ପାଢ଼ୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେବେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ପୋଖରୀ ବଜାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା

ଔପଦା, ୨୫।୪(ସ୍ୱ.ପ୍ର.)

ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତ ବଡ଼ପୋଖରୀ ବଜାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦଘାଟିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ, ସ୍ଥାନୀୟ ସରପଞ୍ଚ ସୁଭଦ୍ରା ନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ପଞ୍ଚାୟତ ସମିତି ଆର୍ଥିକ ଅନୁଦାନରେ ଏହି ଆଲୋକ ବ୍ୟବସ୍ଥା କରାଯାଇଛି।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ବିକ୍ଷୋଭ

ଖଇରା, ୨୫।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାର ଆଳଦା ଛକ ନିକଟରେ ଠିପି ଖୋଲା ମଦଦୋକାନ ଖୋଲାଯିବାକୁ ନେଇ ସ୍ଥାନୀୟ ସଞ୍ଚୟିକା ପଞ୍ଚାୟତ ସ୍ତରୀୟ ମହାସଂଘ ତରଫରୁ ବିରୋଧ କରାଯାଇଛି। ଏ ସଂକ୍ରାନ୍ତରେ ଏକ ଲିଖିତ ଦାବିପତ୍ର ଖଇରା ଥାନା ଆଇଆଇସିଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏହାର ନକଲ ଖଇରା ବିଡିଓ, ତହସିଲଦାର, ଜିଲାପାଳ, ଅବକାରୀ ବିଭାଗ ଅଧିକାରୀ ଓ ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ମହାସଂଘ ସଭାପତି ପୁଷ୍ପାଞ୍ଜଳି ମହାରଥା, ସମ୍ପାଦିକା କବିତା ସାହୁ, ଏମ୍‌ବିକେ ସଂଘ କର୍ମକର୍ତ୍ତା ନିରୁପମା ନାୟକଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ବିଭିନ୍ନ ସ୍ଲୋଗାନ ଦେଇ ଦୋକାନ ସ୍ଥାନାନ୍ତର ପାଇଁ ଦାବି କରିବା ସହ ଦୋକାନ ସମ୍ମୁଖରେ କିଛି ସମୟ ଧରି ଧାରଣାରେ ବସିଥିଲେ। ଦେକାନ ଖୋଲାଯାଇଥିବା ସ୍ଥାନ ନିକଟରେ ମନ୍ଦିର, ସ୍କୁଲ ଓ ଜନବସତି ଥିବା ବେଳେ ବିକ୍ରେତାଙ୍କୁ ଲାଇସେନ୍ସ ଦିଆଯିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେବେ ଖଇରାର ଏକ ଗୋଷ୍ଠୀ ଏହି ଦୋକାନ ଖୋଲାଯିବା ସପକ୍ଷରେ ମତ ଦେଇଛନ୍ତି । ଖଇରା ବଜାର ତଥା ଗାଁ ଗହଳରେ ଛତୁ ଭଳି ଚାଲିଥିବା ବେଆଇନ ଭାଟି ମାଲିକମାନଙ୍କର ବେପାର ମାନ୍ଦା ହେବା ଆଶଙ୍କାରେ ପରଦା ପଛରେ ରହି ଏଭଳି ବିରୋଧକୁ ଉସୁକାଉଛନ୍ତି । ଅବକାରୀ ବିଭାଗ ତର୍ଜମା କରି ଲାଇସେନ୍ସ ପ୍ରଦାନ କରିଥିବା ବେଳେ ସରକାରଙ୍କୁ ଏଥିରୁ ରାଜସ୍ୱ ମିଳିବା ନେଇ ଯୁକ୍ତି ବାଢିଛନ୍ତି ।




ମଦ ଦୋକାନ ସମ୍ମୁଖରେ ମହିଳାଙ୍କ ଆନ୍ଦୋଳନ।

# 'ଉତ୍ତମ ମଣିଷ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

## ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା ଉଦ୍‌ଘାଟିତ

ବାରିପଦା ଅଫିସ, ୨୫।୪



ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳାରେ ଉପସ୍ଥିତ ଅତିଥିମାନେ।

ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ ମୟୂରଭଞ୍ଜ ଜିଲା ବେତନଟୀ ସଙ୍କୁଳସ୍ତରୀୟ ୩ଦିନିଆ ସାମୁହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା ମଙ୍ଗଳବାର ବେତନଟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଆର୍‌ସିସି ତଥା ବରିଷ୍ଠ ଖବରଦାତା ହରିଶଚନ୍ଦ୍ର ନନ୍ଦଗୋସ୍ୱାମୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଦେଶ ପାଇଁ ଜ୍ଞାନୀଗୁଣି ମହାପୁରୁଷଙ୍କ ଆବଶ୍ୟକତା ରହିଛି। ଏହାର ଶୂନ୍ୟସ୍ଥାନ ପୂରଣ କରିବା ପାଇଁ ଗୁରୁଙ୍କ ଦାୟିତ୍ୱ ରହିଛି। ଉତ୍ତମ ମଣିଷ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତପ୍ରକାଶ କରିଥିଲେ। ପରେ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତିର ସଭାପତି ସତିଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଜିଲା ସହ ପ୍ରମୁଖ ପ୍ରବୋଧ କୁମାର ଭୂୟାଁ ଉପସ୍ଥିତ ରହି ସଂସ୍କୃତି ପରମ୍ପରା ଆଧାରିତ ବିଦ୍ୟାଳୟରୁ ସଂସ୍କାରିତ ଛାତ୍ରୀଛାତ୍ର ଗଢ଼ିବାକୁ ପରାମର୍ଶ ଦେଇଥିଲେ। ଉପଯୁକ୍ତ ସଂସ୍କାର ପାଇଥିବା ଛାତ୍ରୀଛାତ୍ର ରାଷ୍ଟ୍ର ଗଠନରେ ସହାୟକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍କୁଳ ପ୍ରମୁଖ ଶଶଧର ପଣ୍ଡା, ଉପ ସଭାପତି ମନୋରଞ୍ଜନ ଦାଶ, ଦୟାନିଧି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍କୁଳ ସଂଯୋଜକ ଲକ୍ଷ୍ମୀଧର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍କୁଳ ଅଧିନରେ ଥିବା ୮ଶିଶୁ ମନ୍ଦିରର ଶତାଧିକ ଗୁରୁମା ଗୁରୁଜୀ ଉପସ୍ଥିତ ଥିଲେ।

**ବଜ୍ରପାତରେ ଜଳିଗଲା ୫ ବଖରା**

ସିମୁଳିଆ,(ଡି.ଏନ.ଏ.): ମଙ୍ଗଳବାର ଅପରାହ୍ଣରେ ବଜ୍ରପାତ ହୋଇ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ପଞ୍ଚାୟତ କଣିଆରି ଗ୍ରାମର ଭାସ୍କର ଜେନାଙ୍କ ୫ବଖରା ଘର ଜଳିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ସମେତ ଧାନ ଚାଉଳ ଜଳିଯାଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାସ୍ଥଳରେ ଅଡ଼ା ଦମକଳ ପହଞ୍ଚିଥିଲା ।

# ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ରାଜ୍ୟ ଶ୍ରମ କମିଶନର

**ଭୋଗରାଇ, ୨୫।୪(ଡି.ଏନ.ଏ.)**

## ‘ମନ୍ମଥ-ମନୋଜ ଐତିହ୍ୟ ସ୍ମାରକୀ ପୀଠ’, ‘ଆଦର୍ଶ ବିଦ୍ୟାଳୟ’

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଶଙ୍ଖାରୀ ଗାଁରେ ଜନ୍ମିତ ପ୍ରଖ୍ୟାତ ଐତିହାସିକ ଡ. ମନ୍ମଥନାଥ ଦାସ ଓ ତାଙ୍କ ସାନଭାଇ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଥାକାର ପଦ୍ମଭୂଷଣ ମନୋଜ ଦାସଙ୍କ ଜନ୍ମପୀଠକୁ ‘ଐତିହ୍ୟ ସ୍ମାରକୀ ପୀଠ’ର ମାନ୍ୟତା ଦେବା ସହିତ ଏହାର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି। ଏଥିପାଇଁ ନିର୍ମାଣ, ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ଅନ୍ୟପକ୍ଷରେ ନିକଟସ୍ଥ କାନ୍ଥିଭଉଁରୀଠାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ମଧ୍ୟ କଚ୍ଛପ ଗତିରେ ଚାଲିଛି। ଗୋଟିଏ ଶିକ୍ଷାବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଏହି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ମଙ୍ଗଳବାର ଅପରାହ୍ଣରେ ଓଡ଼ିଶା ରାଜ୍ୟ ସରକାରଙ୍କ ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାଏକ ଏହି ନିର୍ମାଣାଧୀନ ‘ଐତିହ୍ୟ ସ୍ମାରକୀ ପୀଠ’ ଏବଂ ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ସେଠାରେ ନିୟୋଜିତ ପୂର୍ତ୍ତ ବିଭାଗ ଓ ଇନଟାକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ଦୁଇ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହ୍ୟ ସ୍ମାରକୀପୀଠକୁ ଉଦ୍‌ଘାଟନ କରିବା ପାଇଁ ଆସିବାକୁ ଥିଲା ବେଳେ ସମସ୍ତ କାର୍ଯ୍ୟ ଯେପରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ ହେବ ସେଥିପାଇଁ ଅଧିକ ଶ୍ରମିକ ନିଯୁକ୍ତି କରିବା ପାଇଁ ପରାମର୍ଶ ଦେଇଥିଲେ।

ବର୍ତ୍ତମାନ ସମୟରେ ଏହି ଦୁଇ ନିର୍ମାଣାଧୀନ କାର୍ଯ୍ୟରେ ନିଯୁକ୍ତ ଶ୍ରମିକମାନଙ୍କ ଲେବରକାର୍ଡ଼, ନିର୍ଦ୍ଦିଷ୍ଟ ସମୟରେ ଠିକ୍ ମଜୁରୀ ମିଳିବା, ଖାଦ୍ୟପେୟ, ବିଶ୍ରାମ ସ୍ଥାନ ଓ ରାତ୍ରରହଣି ବ୍ୟବସ୍ଥା ଏବଂ ସେମାନଙ୍କ ପରିବାର ସମ୍ପର୍କରେ ପଚାରି ବୁଝିଥିଲେ। ନିଜକୁ ସୁରକ୍ଷିତ ରଖି କାର୍ଯ୍ୟ କରିବା ପାଇଁ ଡ. ନାଏକ ଶ୍ରମିକମାନଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ମୁତାବକ ୨୦୨୧ ଏପ୍ରିଲ ୨୭ ତାରିଖରେ କଥାସମ୍ରାଟ ପଦ୍ମଭୂଷଣ ମନୋଜ ଦାସଙ୍କ ଦେହାନ୍ତ ହେବାର ମାତ୍ର ୨୪ ଘଣ୍ଟା ମଧ୍ୟରେ ତାଙ୍କ ଜନ୍ମପୀଠକୁ ‘ଐତିହ୍ୟ ସ୍ମାରକୀ ପୀଠ’ ରେ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଫଳରେ ସେଠାରେ ଥିବା ସମୁଦାୟ ୩ ଏକର ୫୫ ଡିସମିଲ ଜମିକୁ ତାଙ୍କ ପୁତ୍ରବଧୂ ଡ. ରଞ୍ଜିତା ଦାସ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଥିଲେ। ସେଠାରେ ୬ହଜାର ବର୍ଗଫୁଟର ୩ ମହଲା କୋଠା, ଶ୍ରୀମା ଶ୍ରୀଅରବିନ୍ଦଙ୍କ ଧ୍ୟାନମଣ୍ଡପ, ମୁକ୍ତାକାଶ ସାଂସ୍କୃତିକ ମଞ୍ଚ, ମନ୍ମଥ ଓ ମନୋଜଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଓ ସ୍ଥାପନ ସହିତ ପାଚେରି, ମୁଖ୍ୟ ଫାଟକ ଓ ପାର୍କିଂ ନିର୍ମାଣ, ଆକର୍ଷଣୀୟ ବଗିଚା, ପୋଖରୀ ପୁନରୁଦ୍ଧାର ଆଦି କାର୍ଯ୍ୟ ପୂର୍ତ୍ତ ବିଭାଗକୁ ଦିଆଯାଇଛି। ଏଥିପାଇଁ ପୂର୍ତ୍ତ ବିଭାଗକୁ ୬କୋଟି ୯୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ସେହିପରି ଏହି ପୀଠରେ ଥିବା ଦୁଇଭାଇଙ୍କ ପୈତୃକ ବାସଭବନ, ମନ୍ଦିର ନବୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଇନଟାକ୍ ସଂସ୍ଥାକୁ ଦିଆଯାଇଥିଲା ବେଳେ ଏଥିପାଇଁ ୪କୋଟି ୫୫ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଏହାବ୍ୟତୀତ ଦୁଇଭାଇଙ୍କ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ, ରଚିତ ପୁସ୍ତକ ସହିତ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ପାଇଁ ସୁନ୍ଦର ବଗିଚା ଆଦି ନିର୍ମାଣ ଏବଂ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏ ସମସ୍ତ କାର୍ଯ୍ୟ ବୁଲି ଦେଖିବା ପରେ ନିକଟସ୍ଥ କାନ୍ଥିଭଉଁରୀଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ପରିଦର୍ଶନ କରିବା ସହିତ ସେଠାରେ ନିଯୁକ୍ତ ଶ୍ରମିକମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଅଧିକ ଶ୍ରମିକ ନିଯୁକ୍ତି କରି ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ପୂର୍ତ୍ତ ବିଭାଗକୁ ଡ. ନାଏକ ନିର୍ଦ୍ଦେଶ ଦେଇଥିଲେ। ଶ୍ରମ କମିଶନର ଡ. ନାଏକଙ୍କ ଏହି ଗସ୍ତ ସମୟରେ ବାଲେଶ୍ୱର ଜିଲା ପରିଷଦ ଉନ୍ନୟନ ଅଧିକାରୀ (ପିଡ଼ି ଡିଆର୍‌ଡିଏ) ରବୀନ୍ଦ୍ର ସାହୁ, ମିଶନ ଶକ୍ତି ଡିପିସି ବିଶ୍ୱଜିତ୍ ପରିଡ଼ା, ବିଡ଼ିଓ ଶଙ୍କର ପଟ୍ଟନାୟକ, ପୂର୍ତ୍ତ ବିଭାଗ ଏସ୍‌ଇ ଅଜିତ ରାୟ, ଏସ୍‌ଡ଼ିଓ ଶିବଲାଲ ସାହୁ, କନିଷ୍ଠଯନ୍ତ୍ରୀ ଅନୀଲ କୁମାର ଦାସ, ଇନଟାକ୍ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଐତିହ୍ୟ ପୀଠ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ରାଜ୍ୟ ଶ୍ରମ କମିଶନର ଓ ଜିଲା ପଦାଧିକାରୀ।

# ୨୫ ମିନିଟ୍ ପଡ଼ିରହିଲା ରେଳ ଫାଟକ



ରେଳ ଫାଟକର ଉଭୟ ପାର୍ଶ୍ୱରେ ଅଟକି ରହିଥିବା ପଥଚାରୀ।

## ଅଟକିଲା ଆମ୍ବୁଲାନ୍ସ, ଯାତ୍ରୀ ହନ୍ତସନ୍ତ

**ନୀଳଗିରି, ୨୫।୪(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି-ମିତ୍ରପୁର ରାସ୍ତା ଗୋପୀନାଥପୁର ନୂତନ ରେଳଷ୍ଟେଶନ ନିକଟ ଲେଭଲକ୍ରସିଂରେ ମଙ୍ଗଳବାର ପୂର୍ବାହ୍ଣରେ ଅଚାନକ ୨୫ ମିନିଟ୍ ଧରି ଫାଟକ ପଡିରହିଥିଲା। ଫଳରେ ଆମ୍ବୁଲାନ୍ସ ଅଟକି ରହିବା ସହ ଯାତ୍ରୀମାନେ ଦୀର୍ଘ ସମୟ ଧରି ହନ୍ତସନ୍ତ ହୋଇଥିଲେ। ଆମ୍ବୁଲାନ୍ସରେ ଗୁରୁତର ରୋଗୀ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଯାତ୍ରୀମାନେ ହୋହଲ୍ଲା କରିବାରୁ ରେଲୱେ ପକ୍ଷରୁ ଲେଭଲକ୍ରସିଂ ଫାଟକ ଉଠାଇ ଆମ୍ବୁଲାନ୍ସକୁ ଛାଡିଥିଲେ। ଏପରି ଘଟଣା ପୂର୍ବରୁ ମଧ୍ୟ ହେଇଥିବାର ସ୍ଥାନୀୟ ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ମଶାରି ବଣ୍ଟନ

**ଯୋଡ଼ା,୨୫।୪(ଡି.ଏନ.ଏ.)**

ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ମାରାତ୍ମକ ରୋଗ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି ଏବଂ ଏହି ରୋଗରୁ ବର୍ତ୍ତିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଯୋଡ଼ା ବ୍ଲକ ଅଧୀନ ୧୩ନଂ. ୱାର୍ଡର ସରଗିତଳିଆଠାରେ ମଙ୍ଗଳବାର ମଶାରି ବଣ୍ଟନ କରାଯାଇଛି। ଉକ୍ତ ୱାର୍ଡର ପ୍ରାୟ ୨୦୦ ଲୋକଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଏହି ମ୍ୟାଲେରିଆ ନିରାକରଣ ଅଭିଯାନ ଜାରି ରଖି, ଟିଏସ୍‌ଏଫ୍ ଯୋଡ଼ା ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୧୩,୦୦୦ ମଶାରି ବଣ୍ଟନ କରିବାର ଯୋଜନା ରଖିଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ଟିଏସ୍‌ଏଫ୍ ଅଧିକାରୀମାନେ ଗ୍ରାମବାସୀଙ୍କୁ ମଶା ଦ୍ୱାରା ହେଉଥିବା ବିଭିନ୍ନ ରୋଗ ବିଷୟରେ ଅବଗତ କରାଇଥିଲେ।ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧି ଦୀପ୍ତି ରଞ୍ଜନ ବେହେରା, ଚର୍ଚିଲ ମହାକୁଡ, ପ୍ରମୋଦ ରଜକ, ଡା.ଆକାଶ ଶତପଥୀ, ଡା.ଅନମଲ ଟିଗା, ବୀରେନ୍ଦ୍ର ମହାନ୍ତ, ଜ୍ୟୋସ୍ନାରାଣୀ ବାରିକ, ସର୍ବେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ମଶାରି ବଣ୍ଟନ କରାଯାଇଛି।

# ‘ବର୍ଣ୍ଣାଳି’ ପ୍ରଶିକ୍ଷଣ ନେଲେ ଶିକ୍ଷକ



**ଆରଡ଼ି, ୨୫।୪ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆଖଣ୍ଡଳମଣି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୩ଦିନ ଧରି ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ‘ବର୍ଣ୍ଣାଳି’ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କମଳାକାନ୍ତ ନାୟକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମଙ୍ଗୁଳି ଚରଣ ସେଠୀ, ପ୍ରଧାନ ଶିକ୍ଷକ ଇନ୍ଦ୍ରଜିତ ସ୍ୱାଇଁ, ମୁଖ୍ୟ ସାଧନ କର୍ମୀ ରୂପେ ନିଶାକର ନାଥ ଓ ରଞ୍ଜୀବ ରାଉତ ଯୋଗ ଦେଇଥିଲେ। ପହଣା ଓ ମଠଡିହ କ୍ଲଷ୍ଟରର ୩୦ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ମାଧ୍ୟମରେ ଲିଙ୍ଗଭିତ୍ତିକ ସମ୍ବେଦନଶୀଳତା ପ୍ରସଙ୍ଗରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା, ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ବାବଦରେ ମୁଖ୍ୟତଃ ତାଲିମ ପ୍ରଦାନ କରାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶିବିରରେ ସହଯୋଗ କରିଥିଲେ।

# ପିସିସିରେ ପଦ ବଜାୟ ରଖିଲେ ଆଲୋକ, ସଂଗ୍ରାମ

**କେନ୍ଦୁଝର, ୨୫।୪ (ଡି.ଏନ୍.ଏ.)**

ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ ଟିମ୍‌ରେ କେନ୍ଦୁଝର ଜିଲାର ବରିଷ୍ଠ ନେତା ଆଲୋକ ମିଶ୍ର ଓ ସଂଗ୍ରାମ କେଶରୀ ଦାସ ନିଜ ପଦ ବଜାୟ ରଖିଛନ୍ତି। ପୂର୍ବରୁ ଆଲୋକ ରାଜ୍ୟ ସାଧାରଣ ସମ୍ପାଦକ ଓ ସଂଗ୍ରାମ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଏବେ ମଧ୍ୟ ଦୁଇ ପଦରେ ପୂର୍ବପରି ଦୁଇନେତା ଦାୟିତ୍ୱ ସମ୍ପାଦନ କରିବେ। ପିସିସିରେ ଏହି ଦୁଇନେତା ସ୍ଥାନ ପାଇଥିବାରୁ ବରିଷ୍ଠ ନେତାଙ୍କ ସହ ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧିର, ଛାତ୍ର ସଭାପତି ଶୁଭମ ରାଜ ଓ ଦଳୀୟ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଆନ୍ଧ୍ରରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ବୈଶିଙ୍ଗା,୨୫।୪(ଡି.ଏନ୍.ଏ.)**



ଶିପୁକାନ୍ତ ହେମ୍ବ୍ରମ।

ଆନ୍ଧ୍ରପ୍ରଦେଶର ଭିମାଭରମଠାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତଦେହ ମଙ୍ଗଳବାର ଗାଁକୁ ଫେରିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକ ହେଲେ ସରେନ ହେମ୍ବ୍ରମଙ୍କ ପୁଅ ଶିପୁକାନ୍ତ(୨୨)। ତାଙ୍କ ଘର ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତ ପଦ୍ମନାଭପୁର ଗ୍ରାମରେ।

ଶିପୁକାନ୍ତ ଗାଁରେ କିଛି କାମ ଧନ୍ଦା ନ ପାଇ ବର୍ଷେ ତଳେ କେତେଜଣ ଯୁବକଙ୍କ ସହ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଭିମାଭରମକୁ ଦାଦନ ଖଟିବା ପାଇଁ ଚାଲି ଯାଇଥିଲେ। ସେଠାରେ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ କାରଖାନାରେ କାର୍ଯ୍ୟରତ ଥିବା ସମୟରେ ଗତ ୨୩ ତାରିଖରେ ଜେନେରେଟର କରେଣ୍ଟ ଲାଗି ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର କାରଖାନା କର୍ତ୍ତୃପକ୍ଷ ମାନବିକତା ଭୁଲିଗଲେ। ମୃତଦେହ ଗାଁକୁ ପଠାଇବା ପାଇଁ ପରିବାର ଲୋକେ ଅନୁରୋଧ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ତେବେ ସହଯୋଗର ହାତ ବଢ଼ାଇଥିଲେ ଗଡ଼ଦେଉଳିଆ ‘ମୋ ଓଡ଼ିଶା ପରିବାର’ର ସଭ୍ୟମାନେ। ରାଜୀବ ରଞ୍ଜନ ସେନାପତି , ଚିନ୍ମୟ ପଣ୍ଡା, ତନ୍ମୟ ପଣ୍ଡା, ଶତ୍ରୁଘ୍ନ ବେହେରା, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସିଂ, ସରପଞ୍ଚ ବବିତା ସିଂ ଏବଂ ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ସହଯୋଗ କ୍ରମେ ମଙ୍ଗଳବାର ଭିମାଭରମ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଆସି ପହଞ୍ଚିଛି ଗ୍ରାମରେ। ମୋ ଓଡ଼ିଶା ପରିବାର ପକ୍ଷରୁ ଆର୍ଥିକ ସାହାଯ୍ୟ ମଧ୍ୟ ଯୋଗାଇ ଦିଆ ଯାଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ ବିଶ୍ୱରଞ୍ଜନ



@ ଆରବୀ



@ ଅକ୍ଷୟ



@ ପ୍ରଶନ୍ନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବେତନଟୀ,୨୫।୪(ଡି.ଏନ୍.ଏ)**

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବେତନଟୀ ଥାନା ଅଧୀନ କୃଷ୍ଣଚନ୍ଦ୍ରପୁର କଲେଜ ସମ୍ମୁଖରେ ସୋମବାର ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୟାକେନ୍ଦୁଖାଳ ଗ୍ରାମର ମଦନ ହେମ୍ବ୍ରମ (୪୦)। କ୍ଷତିପୂରଣ ଦାବିରେ କୃଷ୍ଣଚନ୍ଦ୍ରପୁରଠାରେ ନୟାକେନ୍ଦୁଖାଳର ଗ୍ରାମବାସୀ ଓ ମୃତକଙ୍କ ପରିବାର ଲୋକେ ମଙ୍ଗଳବାର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ବେତନଟୀ ଥାନା ଅଧିକାରୀଣୀ ସସ୍ମିତା ମହାନ୍ତ, ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ବିଶ୍ୱର ସର୍ବୋଚ୍ଚ ରଥର ନିର୍ମାଣ ଆରମ୍ଭ

**କେନ୍ଦୁଝର,୨୫।୪(ସ୍ୱ.ପ୍ର.)**

ବିଶ୍ୱର ସର୍ବୋଚ୍ଚ ରଥର ମାନ୍ୟତା ପାଇଥିବା କେନ୍ଦୁଝରର ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟା ଦିନ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଆଜ୍ଞାମାଳ ନେଇ ରଥ ମହାରଣା ରଥ ନିର୍ମାଣର ଶୁଭାରମ୍ଭ କରିଥିଲେ। ନିହାଣ ଓ ବାରସି ଛୁଆଁଇ ଏହି କାର୍ଯ୍ୟ ସମ୍ପାଦିତ ହେବା ପରେ ରଥ ଭଙ୍ଗା ଓ ନୂଆ ରଥ ନିର୍ମାଣ ପାଇଁ କାରିଗରମାନେ ତତ୍ପର ହୋଇ ଉଠିଛନ୍ତି। ଏଥିପାଇଁ ଶ୍ରୀ ଜୀଉଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ସନ୍ଧ୍ୟାରେ ମନ୍ଦିରରୁ ଚଳନ୍ତି ପ୍ରତିମା ମଦନ ମୋହନଙ୍କୁ ସୁସଜ୍ଜିତ ବିମାନରେ ବିଜେ କରି ରଥ ଖଳାକୁ ଅଣାଯାଇଥିଲା। ସେଠାରେ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ବାଜା, ଘଣ୍ଟ ନାଦରେ ପରିସର ଉଚ୍ଛୁଳି ପଡ଼ିଥିଲା ।

ଉଲ୍ଲେଖଯୋଗ୍ୟ, ବଳଦେବଜୀଉଙ୍କ ରଥର ଉଚ୍ଚତା ୭୨ ଫୁଟ ଓ ଓସାର ୪୫ ଫୁଟ। କିଛି ବର୍ଷ ତଳେ ଏହି ରଥ ବିଶ୍ୱର ସର୍ବୋଚ୍ଚ ବୋଲି ବିଭିନ୍ନ ରେକର୍ଡ ହାସଲ କରିବା ସହ ଜିଲା ପାଇଁ ଏକ ସ୍ୱତନ୍ତ୍ର ଗର୍ବ ଓ ପରିଚୟ ସୃଷ୍ଟି କରିଥିଲା।




ବଳଦେବଜୀଉଙ୍କ ରଥ ନିର୍ମାଣ ପାଇଁ ରଖାଯାଇଥିବା କାଠ।

# ଶୁଭାରମ୍ଭ ହେଲା ‘ପ୍ରୋଜେକ୍ଟ ସହଯୋଗ’

**ବାଲେଶ୍ୱର ଅଫିସ, ୨୫।୪**

## ସହରରୁ ଖସିପାରିବେନି ଅପରାଧୀ

ଜନସାଧାରଣଙ୍କ ସହଯୋଗରେ ବାଲେଶ୍ୱର ପୋଲିସ ଆରମ୍ଭ କରିଛି ‘ପ୍ରୋଜେକ୍ଟ ସହଯୋଗ’। ଏହି ଅଭିଯାନରେ ଟ୍ରାଫିକ ବ୍ୟବସ୍ଥା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ଛକରେ ସିସିଟିଭି କ୍ୟାମେରା ଲଗାଯିବ। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ସହରର ସିନେମାଛକଠାରେ ଲଗାଯାଇଥିବା ସିସିଟିଭି କ୍ୟାମେରା ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି ।

ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ କହିବାନୁସାରେ, ସିନେମା ଛକ, ଗୋଳାପୋଖରୀ ଛକ, ଫୁଲାଡ଼ି ଛକ, ପୁରୁଣା ବାଲେଶ୍ୱର ଆଦି ୩୦ଟି ଛକ ଏହି ଅଭିଯାନ ପାଇଁ ଚିହ୍ନଟ ହୋଇଛି। ନୂତନ ଭାବେ ଲଗାଯାଉଥିବା ସମସ୍ତ କ୍ୟାମେରା ବାଲେଶ୍ୱର ଟ୍ରାଫିକ ଥାନାର କେନ୍ଦ୍ରୀୟ କମାଣ୍ଡୋ ଓ କଣ୍ଟ୍ରୋଲ ସେଣ୍ଟର ସହିତ ସଂଯୁକ୍ତ କରାଯିବ । ଏଥିପାଇଁ ବାଲେଶ୍ୱରର ଅଗ୍ରଣୀ ବ୍ରଡ୍‌ବ୍ୟାଣ୍ଡ ସେବା ପ୍ରଦାନକାରୀ ସଂସ୍ଥା ଓଡିନେଟ ଇନ୍‌ଫକମ୍‌ର ଫାଇବର ନେଟୱର୍କ ବ୍ୟବହାର କରାଯିବ। ପ୍ରଥମ ପର୍ଯ୍ୟାୟରେ ସିନେମା ଛକରେ ଲଗାଯାଇଥିବା ସିସିଟିଭି କ୍ୟାମେରା ପାଇଁ ଏକ ଖବରକାଗଜ ସଂସ୍ଥା ସହଯୋଗ ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ସହରର ବିଭିନ୍ନ ବ୍ୟାଙ୍କ, ଜୁଏଲେରୀ ଦୋକାନ, ବ୍ୟବସାୟିକ ସଂସ୍ଥା ସହିତ ଆବାସିକ କଲ୍ୟାଣ ସଙ୍ଗଠନରେ ଏହି ସିସିଟିଭି କ୍ୟାମେରା ବ୍ୟବସ୍ଥା ସଂଯୋଗ କରାଯିବ। ଏହାଦ୍ୱାରା ବାଲେଶ୍ୱର ପୋଲିସର କେନ୍ଦ୍ରୀୟ କମାଣ୍ଡୋ ଏବଂ କଣ୍ଟ୍ରୋଲ ସେଣ୍ଟର ଅପରାଧ ନିୟନ୍ତ୍ରଣ ଓ ଅପରାଧୀଙ୍କୁ ଚିହ୍ନଟ ସହ ସେମାନଙ୍କ ଗତିବିଧି ଉପରେ ଠିକ୍ ଢଙ୍ଗରେ ନିୟନ୍ତ୍ରଣ ରଖାଯାଇପାରିବ ବୋଲି ପ୍ରକାଶ କରିଥିଲେ। ସଡ଼କ ସୁରକ୍ଷା ଓ ଟ୍ରାଫିକ ବିଭାଗର ଡିଏସ୍‌ପି ଆଲୋକ ରଞ୍ଜନ ରାୟ, ଡିଆଇବି ଡିଏସ୍‌ପି ବ୍ରଜେଶ୍ୱରୀ ବଳ, ଡିଏସ୍‌ପି ମାନସ ଦେଓ, ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସିଟି ଡିଏସ୍‌ପି ଗାୟତ୍ରୀବାଳା ପ୍ରଧାନ, ଟାଉନ୍ ଥାନା ଆଇଆଇସି ପର୍ଶୁରାମ ସାହୁ, ସହଦେବଖୁଣ୍ଟା ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ, ରେମୁଣା ଥାନା ଆଇଆଇସି ପ୍ରେମ ପ୍ରଜ୍ଞା ମହାନ୍ତି, ଟ୍ରାଫିକ ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ, ଓଡିନେଟ୍ ଇନ୍‌ଫୋକମ୍‌ର ନିର୍ଦ୍ଦେଶକ ଦେବଜ୍ୟୋତି ଦାସ ମହାପାତ୍ର, ସାମାଜିକ କର୍ମୀ ଲକ୍ଷ୍ମୀନାରାୟଣ ମହାନ୍ତି ଓ ଦିବ୍ୟଜ୍ୟୋତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ସିନେମାଛକରେ ସିସିଟିଭି କ୍ୟାମେରା ଉଦ୍‌ଘାଟନ କରାଯାଉଛି।

